# ବଚପନ୍ ଓ ଏକାଡେମୀକ୍ ହାଇଟ୍ସ ବିଦ୍ୟାଳୟର ବାର୍ଷିକ ଉତ୍ସବ



ରାୟଗଡ଼ା,୨।୪(ସମିସ): ରାୟଗଡ଼ା ସହର ସ୍ଥିତ ବିଜୁ ପଟ୍ଟନାୟକ ସଭାଗାରରେ ବଚପନ୍ ଓ ଏକାଡେମୀକ୍ ହାଇଟ୍ସ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୫-୨୦୨୬ ଗତ ମାର୍ଚ୍ଚ ୩୦ ଓ ୩୧ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା । ଉତ୍ସବର ମୁଖ୍ୟ ଆକର୍ଷଣ ଏହାର ଶୀର୍ଷକ "ଅବିଶ୍ୱସନୀୟ ଭାରତ' ଥିଲା। ଦୁଇଟି ପର୍ଯ୍ୟାୟରେ ଉତ୍ସବ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରସ୍ୱତୀ ରାୟ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ସୁଶ୍ରୀତା ଦାଶଙ୍କ ଦ୍ୱାରା ସ୍ୱାଗତ ଭାଷଣ ଓ ବିଦ୍ୟାଳୟର ଅଧ୍ୟକ୍ଷ ଏଲ୍ଏନ୍ ମୂର୍ତ୍ତିଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ଇଂ. ଅଶ୍ୱିନୀ କୁମାର ଦାଶ ,ମୁଖ୍ୟବକ୍ତା ଡ.ଏସ୍. ପ୍ରିୟା , ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ. ଦୁଷ୍ମନ୍ତ କୁମାର ମହାନ୍ତି ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। 'ବଚପନ'ରେ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ୍ ସମାରୋହ ହୋଇଥିଲା। ଶିକ୍ଷା ସମନ୍ୱୟକାରୀ ଗୀତାଞ୍ଜଳୀ ପାତ୍ର ଓ କେ. ଶିଶିମୋଲଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। ଦ୍ୱିତୀୟ ଦିବସର ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁଶ୍ରୀ ଡ.ଏସ,ପ୍ରିୟା ଓ ଡ. ଦୁଃଖିଶ୍ୟାମ ଦାସ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ , ନିର୍ଦ୍ଦେଶିକା, ପ୍ରଧାନ ଶିକ୍ଷକଙ୍କ ସମେତ ସହ ପ୍ରଧାନାଚାର୍ଯ୍ୟ ଶ୍ରୀଧର ମହାପାତ୍ର ଉପସ୍ଥିତ ରହିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁଙ୍କ ଦ୍ୱାରା ଚିତ୍ତାକର୍ଷଣ ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏକାଡେମୀ ହାଇଟ୍ସର ବାର୍ଷିକ ବିବରଣୀ ପ୍ରଧାନାଚାର୍ଯ୍ୟ ପାଠ କରିଥିଲେ।

## ଗାଁକୁ ମାଦକଦ୍ରବ୍ୟ ନିଷେଧ କଲେ ମହିଳା

# ମଦ, ପୁଡିଆ ଖାଇଲେ ଘରେ ପଶିବା ମନା



ନାରାୟଣପାଟଣା,୨।୪(ସମିସ): ମଦ, ଗୁଟୁଖା, ସିଗାରେଟ୍, ଗଞ୍ଜେଇ, ପୁଡିଆ ,ଭାଙ୍ଗ ଖାଇ ଯିଏ ଆସିବ ତାକୁ ଗାଁରୁ ତଡାଯିବ। ଗାଁ ର ପ୍ରବେଶ କରାଇ ଦିଆଯିବ ନି। ଗାଁ ବାହାରେ ରହିବ। ଆଜିଠୁ ଗାଁରେ ମଦ ବିକ୍ରି ବନ୍ଦ। ପୁଡିଆ ,ଗୁଟୁଖା, ସିଗାରେଟ୍ ,ଭାଙ୍ଗ ପରି ମାଦକ ଦ୍ରବ୍ୟ ବିକ୍ରି କରିବାରେ କଟକଣା ଲଗାଇଛନ୍ତି ମହିଳା। ଗାଁରେ ଥିବା ଦୋକାନକୁ ପ୍ରତିବନ୍ଧକ ସହ ଚରମବାଣୀ ଶୁଣାଇଛନ୍ତି। ଆଗକୁ ଦୋକାନରେ କୈଣସି ପ୍ରକାରର ମାଦକ ଦ୍ରବ୍ୟ, ପୁଡିଆ ,ଗୁଟୁକା,ସିଗାରେଟ୍ ,ମଦ , ଗଞ୍ଜେଇ ବିକ୍ରି କରାଯିବ ନାହିଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ତେନ୍ତୁଳିପଦର ପଞ୍ଚାୟତ ସଦରରେ। ଗାଁର ୫୦ରୁ ଅଧିକ ମହିଳା ସଦଳବଦଳ ହେଇ ଘର ଘର ବୁଲି ସଚେତନ କରିଛନ୍ତି। ନା ନିଜେ ଖାଇବୁ ,ନା କାହାକୁ ଖାଇବାକୁ ଦେବୁ। ଯିଏ ଖାଇ ଗାଁ ରେ ପ୍ରବେଶ କରିବ ,ତାକୁ ଗାଁ ରୁ ବାହାର କରାଯିବ। ଏପରି ପ୍ରଥମେ ଘର ଘର ବୁଲି ପରିବାରକୁ ନିବେଦନ କରି ସଚେତନ କରିଛନ୍ତି ତେନ୍ତୁଳି ପଦର ପଞ୍ଚାୟତର ସଦରରେ ୫୦ ରୁ ଅଧିକ ମହିଳା। ଦୋକାନରେ ବିକ୍ରି କରିବାକୁ ଚରମ ବାଣୀ ଶୁଣେଇବା ସହ ସଚେତନ କରି ସମସ୍ତଙ୍କୁ ନିବେଦନ କରିଛନ୍ତି। ଏ ଖବର ଜାଣିବା ପରେ ଖୋଦ୍ ତେନ୍ତୁଳିପଦର ପଞ୍ଚାୟତର ସରପଞ୍ଚ ମହିଳାଙ୍କୁ ପ୍ରଶଂସା କରି ସାଧୁବାଦ ଜଣାଇଛନ୍ତି। ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ବିଡିଓ ବିକ୍ରମ ଦୋରା , ତହସିଲଦାର ପ୍ରଭାତୀ ଝଡିଆ, ଥାନା ଅଧିକାରୀ ମମତା ପଣ୍ଡା ଏ ବିଷୟ ଜାଣିବା ପରେ ସଚେତନ କରିବା ସହ ଗାଁକୁ ସୁନ୍ଦର ରଖିବା ପାଇଁ ମହିଳାଙ୍କ ଉଦ୍ୟମକୁ ସାଧୁବାଦ ଦେଇଛନ୍ତି ,। ଗାଁରେ ବର୍ତ୍ତମାନ ବେକାରୀ ସଂଖ୍ୟା ବଢ଼ି ଚାଲିଛି। ଆଦିବାସୀ ଯୁବକ ପାଠପଢି ବେକାର ହୋଇ ଘରେ ରହି ରୁ ଟଙ୍କା ନେଇ ମାଦକ ଦ୍ରବ୍ୟ କିଣି ନିଜକୁ ନଷ୍ଟ କରୁଛନ୍ତି। ଯୁବ ପୀଢୀଙ୍କ ଭବିଷ୍ୟତ ଅନ୍ଧାର। ଏହାର ପ୍ରଭାବ ପରିବାର ମୁରବୀ ଉପରେ ପଡୁଛି। ଘରେ ଝଗଡ଼ା ହେଉଛି। ଅସନ୍ତୋଷ ବଢୁଛି। ମାଦକ ଦ୍ରବ୍ୟ ବ୍ୟବହାର ଯୋଗୁ ବହୁ ଯୁବକଯୁବତୀ ରୋଗରେ ଆକ୍ରାନ୍ତ ହେବା ସହ ଅସୁସ୍ଥ ହୋଇଛନ୍ତି। ତେଣୁ ଘର ଘର ବୁଲି, ସମସ୍ତଙ୍କୁ ନିଶା ବାରଣ କରାଯାଇଛି। ଆଗକୁ ସବୁ ମହିଳା ପାଳି କରି ଗାଁ ଜଗିବୁ ବୋଲି କହିଛନ୍ତି। ତେବେ ମହିଳା ମାନଙ୍କ ମଧ୍ୟରେ ଏପରି ନିଶା ନିବାରଣର ସଚେତନ ବାର୍ତ୍ତା ଘଟଣାକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# 'ଆମ ପୋଷାକ, ଆମ ପରିଚୟ' କାର୍ଯ୍ୟକ୍ରମ



ରାୟଗଡ଼ା,୨।୪(ସମିସ): ଓଡ଼ିଆ ପକ୍ଷ ପାଳନ ଅବସରରେ ଆଜି ସ୍ଥାନୀୟ ପାରମ୍ପରିକ ପୋଷାକ ପରିଧାନ ଦିବସ ଭାବରେ ରାୟଗଡ଼ ଠାରେ 'ଆମ ପୋଷାକ ଆମ ପରିଚୟ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଆଜି ସମସ୍ତ କର୍ମଚାରୀ ମାନେ ହସ୍ତତନ୍ତ ବୁଣା ପୋଷାକ ପରିଧାନ କରି କାର୍ଯ୍ୟରେ ଯୋଗଦାନ କରିଥିଲେ। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର ପ୍ରମୁଖ ସ୍ଥାନୀୟ ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ଅସୀମା ରାଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଲିଜାବେଥ ଗୋରଡା,ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲେନୁର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ,ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟ ନାରାୟଣ ମହାରଣା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହାଦେବ ସିଛୁଆନ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଯୋଗଦେଇ ପାରମ୍ପରିକ ପୋଷାକ ପରିଧାନ ଓ ବୁଣାକାର ମାନଙ୍କ ଜୀବନ ଧାରଣଲାର ମାନ ବୃଦ୍ଧି କରିବା ସହ ଆଞ୍ଚଳିକ ପରିଚୟ ପରିପ୍ରକାଶ କରିଥାଏ ବୋଲି ଅତିଥି ମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ନୂତନ ଭାବେ ଯୋଗ ଦେଇଥିବା ଡେପୁଟି କଲେକ୍ଟର ଓଡ଼ିଆ ସହକାରୀ ଜିଲ୍ଲାପାଳ ଅରବିନ୍ଦ ପ୍ରଧାନ, ମାନୁଇଲା ପ୍ରିୟଦର୍ଶିନୀ, ଭଡାଲ ରାଣୀ, କଳିଙ୍ଗ କୁମାର ପୂଜାରୀ, ଶମୀ ରଞ୍ଜନ ଭୂୟାଁ , ପଲ୍ଲବୀ ସରକାର , ପି .ଅଙ୍କିତା ଦୋରା ,ମନଭଞ୍ଜନ କହଁର, ରାଜସ୍ୱ ସହାୟକ ମାନସ ସାହୁ, ଦେବାନନ୍ଦ ରଥ, ମାରିୟନା କିରୋ, ଚିତ୍ତରଞ୍ଜନ ବେହେରା,ସୁଭାଷ କେରକେଟା, ସମ୍ରାଟ ସାହୁ, ରାଜେନ୍ଦ୍ର ଦୋରା, କବିର ସଗଡ଼ିଆ, ରଂଜିତ, ଚନ୍ଦ୍ରକାନ୍ତ ଆଦି ବହୁ କର୍ମଚାରୀ ଯୋଗ ଦେଇଥିଲେ।

## ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ଭିତ୍ତି ପ୍ରସ୍ତର ସ୍ଥାପନ

ଉମରକୋଟ,୨।୪ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର କୃଷି ଠାରେ ଥିବା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ୧୦୦ ଶଯ୍ୟା ବିଶିଷ୍ଟ ଏକ ଆଧୁନିକ ଛାତ୍ରାବାସ ନିର୍ମାଣ ପାଇଁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଛାତ୍ରବାସ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଛି। ଏହି ଛାତ୍ରାବାସ ପିଲାମାନଙ୍କ ପାଠ ପଢ଼ା ପାଇଁ ଏକ ସୁବିଧା ଜନକ ପରିବେଶ ଯୋଗାଇବ। ଉତ୍ତମ କୋଠବାସ, ପାଠାଗାର ଓ ଆନୁସଙ୍ଗିକ ସୁବିଧା ସହିତ ଛାତ୍ରଛାତ୍ରୀମାନେ ଏଠାରେ ଉଚ୍ଚ ଶିକ୍ଷା ଗ୍ରହଣ କରିପାରିବେ। ଶ୍ରୀ ଗଣ୍ଡ ଛାତ୍ରଛାତ୍ରୀମାନଙ୍କ ସହ କିଛି ସମୟ ବିତାଇ ତାକୁ ପାଠାଭ୍ୟାସ ସହ ଉତ୍ତମ ଚରିତ୍ର ଗଠନ ପାଇଁ ପ୍ରେରିତ କରାଇଥିଲେ।

## ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କୁ ଶୁଭେଚ୍ଛା



ସେମିଳିଗୁଡ଼ା,୨।୪ (ସମିସ): କୋରାପୁଟ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କୁ ରାଜ୍ୟ ସରକାର ମନୋନୀତ କରିଛନ୍ତି। ସେମିଳିଗୁଡାରେ ଏକ କାର୍ଯକ୍ରମରେ ଯୋଗ ଦେବାକୁ ଆସିଥିବା ନବ ନିଯୁକ୍ତି କମିଟି ଅଧ୍ୟକ୍ଷ ମାଛଙ୍କୁ ସୁନାବେଡ଼ା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପାତ୍ର, ବରିଷ୍ଠ ନେତା ସୁମନ୍ତ କୁମର ପ୍ରଧାନ, ଜୟରାମ ଗରଡା, ବିଜେପି ଜିଲ୍ଲା ସମ୍ପାଦିକା ସନ୍ତୋଷିନୀ ଜେନା, ଅଶ୍ୱିନୀ ପ୍ରମୁଖ ଶୁଭେଚ୍ଛା ଜଣାଇଲେ। ସେହିପରି ନେତା କର୍ମୀ ମାନେ ଖୁସି ଅନୁଭବ କରିଥିଲେ। ଜିଲ୍ଲା ଉନ୍ନତି ଦିଗରେ ଦୃଷ୍ଟି ଆକର୍ଷଣ କରିବି ବୋଲି ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ମାଛ ପ୍ରତିଶ୍ରୁତି ଦେଇଥିଲେ।

## ରାଜଚଉଁରିଆଙ୍କ ବାର୍ଷିକ ବିହନ ଯାତ୍ରା

କୋଷାଗୁମୁଡ଼ା,୨।୪(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ଠାରେ ଆଜି ବୁଧବାର ଓସ୍ତା ଚିତ୍ରାର ତିଥିରେ ବା ପୂର୍ଣ୍ଣିମା ର ଦୁଇ ଦିନ ପୂର୍ବରୁ ଏହି ବିହନ ପୂଜା ବର୍ଷକୁ ଥରେ ପୂଜା କରାଯାଏ। ଏହି ପୂଜା ବିହନ କୁନେଇ ନିଜ ନିଜ ବିଲରେ ବୁଣିବାର ପରମ୍ପରା ରହିଛି। ଏହି ପୂଜାର ୫ଦିନ ପରେ ଗ୍ରାମର ଇଷ୍ଟ ଦେବତା ଶ୍ରୀ ଶ୍ରୀ ରାଜଚଉଁରିୟା ଦେବଙ୍କ ଚୈତ୍ର ପର୍ବ ବା ଆମ୍ବ ନୂଆଖାଇ ପର୍ବ ପାଳିତ ହୋଇଥାଏ। ଏହି ଚୈତ୍ରପର୍ବରେ ଖୁସିରେ ସମସ୍ତେ ମିଶି ରାସ୍ତା ଅବରୋଧ କରି ସମସ୍ତ ଅଧିବାସୀ ମହିଳା, ପୁରୁଷ, ଏବଂ ଛୋଟ ପିଲାଙ୍କୁ ନେଇ ଫାଜୋର ଟଙ୍କା ଆଦାୟ କରନ୍ତି। ଏହି ପୂଜାକୁ ରାଜଚଉଁରିଆଙ୍କ ମାଟିପୂଜା ଭାବରେ ବହୁ ଆଦିମ କାଳରୁ ଅଧିବାସୀମାନେ ଅନୁଷ୍ଠିତ କରିଆସୁଛନ୍ତି। ଶ୍ରୀ ରାଜଚଉଁରିଆ ଙ୍କ ମାଟିପୂଜା ସହ ଚୈତ୍ରବଜାର ଆସନ୍ତା ଶୁକ୍ରବାର ଦିନ ଅନୁଷ୍ଠିତ କରାଯିବ ବୋଲି ମନ୍ଦିର ପୂଜାରୀ କହିଛନ୍ତି। ଆଜିର ଏହି ପୂଜା କାର୍ଯ୍ୟକ୍ରମରେ ମୁଖ୍ୟ ପୂଜାରୀ ଖାଗପତି ପୂଜାରୀ, ଧରମ ପୂଜାରୀ, ପ୍ରହ୍ଲାଦ ରନ୍ଧାରୀ, ପୁରସତ ପୂଜାରୀ, ମୁରଲୀ ପୂଜାରୀ, ପୂର୍ଣ୍ଣ ଘଟୁଆଲ, ଲଚମନ ଭତ୍ରା, ଉମାକାନ୍ତ ଭତ୍ରା, ରାମ ପୂଜାରୀ,ତୁଲାରାମ ପୂଜାରୀ, ଜୁଝୀ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷ ବର୍ଷ ଧରି ବିଚିତ୍ର ବ୍ୟବସ୍ଥା

# ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ନାହିଁ ନାମଫଳକ



ବିଷମ କଟକ,୨।୪ (ସମିସ): ଦୁର୍ଗମ ଓ ଅପହଞ୍ଚ ଇଲାକାରେ ସରକାରଙ୍କ ବିଚିତ୍ର ବ୍ୟବସ୍ଥା। ଗ୍ରାମାଞ୍ଚଳର ଜନସାଧାରଣଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କ ତରଫରୁ ପଞ୍ଚାୟତ କାର୍ଯ୍ୟାଳୟ ସ୍ଥାପନ କରାଯାଇଛି। ଯେଉଁ ପଞ୍ଚାୟତ କାର୍ଯ୍ୟାଳୟରେ ନାମଫଳକ ବ ନାହିଁ। ଏହା ପଞ୍ଚାୟତର କାର୍ଯ୍ୟ ଦକ୍ଷତା ଉପରେ ଅନେକ ପ୍ରଶ୍ନ ଉଙ୍କିମାରୁଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲ୍ଲା ବିଷମ କଟକ ପଞ୍ଚାୟତ ସମିତି ଅନ୍ତର୍ଗତ ବେଥିଆପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ। ଯେଉଁଠି କି ବର୍ଷ ବର୍ଷ ଧରି ପଞ୍ଚାୟତ କାର୍ଯ୍ୟାଳୟରେ ନାମ ଫଳକ ନଥିବା ଦେଖିବାକୁ ମିଳିଛି। ଏହି ଗ୍ରାମପଞ୍ଚାୟତଟି ବ୍ଲକର ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ରହୁଥିବାରୁ କାର୍ଯ୍ୟାଳୟଟି ସଂପୂର୍ଣ୍ଣ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ଏହି ଗ୍ରାମପଞ୍ଚାୟତରେ ମାସର ଅଧିକାଂଶ ସମୟ କାର୍ଯ୍ୟାଳୟରେ ତାଲା ଝୁଲୁଛି। କର୍ମଚାରୀ ମାନେ ଚାଉଳ ଏବଂ ଭତ୍ତା ଦେବା ଦିନ ହିଁ କାର୍ଯ୍ୟାଳୟରେ ଉପସ୍ଥିତ ରହୁଥିବା କିଛି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟକୁ କୌଣସି ନା କୌଣସି କାର୍ଯ୍ୟରେ ଆସୁଥିବା ଲୋକଙ୍କ ନିମନ୍ତେ ଏଠାରେ କୌଣସି ସୁବିଧା କରାଯାଉନାହିଁ । କାର୍ଯ୍ୟାଳୟରେ ଓଡ଼ିଆରେ ନାମଫଳକ ଲେଖିବା ବାଧ୍ୟତାମୂଳକ ହୋଇଥିବା ବେଳେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ କିପରି ସରକାରୀ ନିୟମକୁ ବେଖାତିର କରୁଛନ୍ତି ତାହା ତଦନ୍ତ ସାପେକ୍ଷ। ଏତେ ବଡ଼ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କିପରି ଗୁରୁତ୍ୱ ଦେଉନାହାନ୍ତି ତାହା ଚିନ୍ତାର ବିଷୟ। ଯେଉଁ କାର୍ଯ୍ୟାଳୟରେ ନାମ ଫଳକ ଲେଖିବା ଦିଗରେ ଗୁରୁତ୍ୱ ଦିଆଯାଉନାହିଁ ସେ କାର୍ଯ୍ୟାଳୟ ଅଧିକାରୀ ମାନେ ଲୋକଙ୍କୁ କି ସେବା ଯୋଗାଉଥିବେ ଏହି ଚିତ୍ର ସ୍ପଷ୍ଟ ବୟାନ କରୁଛି। ତୁରନ୍ତ କାର୍ଯ୍ୟାଳୟରେ ନାମ ଫଳକ ଲେଖିବା ଓ ଦୁର୍ଗମ ଇଲାକା ଲୋକଙ୍କ ନିମନ୍ତେ ପଞ୍ଚାୟତର ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ନିମନ୍ତେ ଦାବି ହେଉଛି।

## ପୋଷଣ ସଚେତନତା କାର୍ଯ୍ୟକ୍ରମ



ମାଲକାନଗିରି,୨।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ୍.ଭି-୭ ଜଗନ୍ନାଥପଲ୍ଲୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ପୋଷଣ-୧୫ ଏବଂ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଡୋଳାମଣି ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଏମ୍.ଏମ୍. ଅବିଦ୍ ହୁସେନ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ମୌସୁମୀ ମିଶ୍ର, ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରଭାସ କୁମାର ସେଠୀ, ଡାକ୍ତର ଡି.ପି. ରାଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ତପନ କୁମାର ସେନାପତି ଏବଂ ପିଓ ଇନ୍ଦିରା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଉପସ୍ଥିତ ଅତିଥିମାନେ ପୋଷଣର ଗୁରୁତ୍ୱ, କୁପୋଷଣ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ଏବଂ ସୁଷମ ଖାଦ୍ୟ ଗ୍ରହଣ କରିବାର ଉପକାରିତା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏ. ଈଶ୍ୱର ରାଓ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପୋଷଣ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ପାଇଁ ଅଧିକରୁ ଅଧିକ ସଭା ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ମହିଳା ମହାବିଦ୍ୟାଳୟରେ କ୍ରିକେଟ୍ ପିଚ୍ ଉଦ୍‌ଘାଟିତ



ରାୟଗଡ଼ା,୨।୪(ସମିସ):ଏପ୍ରିଲ ପହିଲା ଦିନ ରାୟଗଡ଼ା ମହିଳା ମହାବିଦ୍ୟାଳୟରେ କ୍ରିକେଟ ପିଚ୍‌ର ଉଦ୍‌ଘାଟନ ହୋଇଯାଇଛି। ଏଥିରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ସମ୍ପାଦକ ସଚ୍ଚିଦାନନ୍ଦ ଖାଦଙ୍ଗା, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅର୍ଚ୍ଚନା ପଟ୍ଟନାୟକ, କ୍ରୀଡ଼ା ଅଧ୍ୟାପିକା କ୍ୟାପଟେନ ରୀତାରାଣୀ ମିଶ୍ର, ଡିସିସି ସଦସ୍ୟକେ କଲ୍ୟାଣୀ ଆଚରୀ, ସନ୍ତୋଷ ସାହୁ, ଜିତେନ୍ଦ୍ର କୁମାର, ଅବିନାଶ ସାମଲ, ଦୀପଙ୍କର ପରିଛା ଉପସ୍ଥିତ ଥିଲେ। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅର୍ଚ୍ଚନା ପଟ୍ଟନାୟକଙ୍କ ଆଦେଶ ଓ କ୍ରୀଡ଼ା ଅଧ୍ୟାପିକାଙ୍କ ପ୍ରଚେଷ୍ଟା ଯୋଗୁଁ ଏହି ପିଚଟି ପ୍ରସ୍ତୁତ ହୋଇପାରିଛି । ଏହି ପିଚଟି ପ୍ରସ୍ତୁତ ହେବା ଦ୍ୱାରା ରାୟଗଡ଼ା ସହରର ମହିଳା ମାନେ ସହଜରେ ପ୍ରତିଦିନ କ୍ରିକେଟ୍ ଅଭ୍ୟାସ କରିପାରିବେ। ବର୍ତ୍ତମାନ ୧୫ ଜଣରୁ ଅଧିକ ମହିଳା ପ୍ରତିଦିନ ଅଭ୍ୟାସ ଜାରି ରଖିଛନ୍ତି। ଏହି ଟିମ୍ ଆସନ୍ତା ଏପ୍ରିଲ ଶେଷ ସପ୍ତାହରେ ରାଜ୍ୟ କ୍ରିକେଟ୍ ପ୍ରତିଯୋଗିତାରେ ଭାଗନେବାର ସମ୍ଭାବନା ରହିଛି।

## ଏରୋନଟିକ୍ସ ମହାବିଦ୍ୟାଳୟର ଗ୍ରୀଷ୍ମକାଳୀନ ଶିବିର



ସୁନାବେଡ଼ା,୨।୪ (ସମିସ): ସୁନାବେଡ଼ା ହାଲ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟ ତଥା ଜାତୀୟ ସେବା ଆୟୋଗ ଦ୍ୱାରା ଆୟୋଜିତ ଗ୍ରୀଷ୍ମକାଳୀନ ସାତ ଦିନିଆ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆଜିର ଏହି ଉଦ୍‌ଯାପନୀ ସଭାରେ ସୁନାବେଡା ଏସ୍‌ଡିପିଓ ସୁମିତ୍ରା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ସାଇବର ଠକାମୀ ଠାରୁ ନିଜକୁ କିଭଳି ଭାବେ ସୁରକ୍ଷିତ ରଖିବେ ସେଥିପ୍ରତି ସଚେତନ କରାଇଥିଲେ। ମୋବାଇଲ ଏବଂ ସୋସିଆଲ ମିଡ଼ିଆର ଦୁରୁପଯୋଗ ନ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ମନୋଜ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପାରିଷଦ ସୁସଜିତା ଭତ୍ରା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ଏରୋନଟିକ୍ସ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ସଞ୍ଜୟ ପୁରୋହିତ ସଭାପତିତ୍ୱ କରିଥିଲେ। ସଭାଟିକୁ କାର୍ଯ୍ୟକ୍ରମ ଅଧିକାରୀ ଡ. ସ୍ମୃତିରଞ୍ଜନ ସାହୁ ସଞ୍ଚାଳନ କରିଥିଲେ। ଉଦଯାପନୀ ସଭାରେ ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ମାନଙ୍କ ମଧ୍ୟରୁ ହୀରଣ୍ମୟୀ ତ୍ରିପାଠୀ, ଦିଲ୍ଲୀପ କୁମାର ସାହୁ , ଡ. ସସ୍ମିତା ମହାପାତ୍ର, ଚିନ୍ମୟ ମିଶ୍ର , ଶ୍ୱେତାସୁମନ ଗିରି, ରୁଚିକା ମାଣିଆ , ଯଶୋବନ୍ତି ସ୍ୱାଇଁ, ମଦନ ହରିଜନ , ନିଶାମଣି ସାହୁ , ପ୍ରିୟଙ୍କାରାଣୀ ମହାନ୍ତି , ସତ୍ୟବ୍ରତ ସାହୁ, ତୁଷାରକାନ୍ତ ଭୁଜବଳ, ଫିରୋଜ କୁମାର ବଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ, ବନ୍ଧ ପ୍ରତି ବିପଦ !

# ଇନ୍ଦ୍ରାବତୀ ଓ ମୁରାନ ବନ୍ଧ ଗ୍ୟାଲେରୀରୁ ଜଳ ନିଷ୍କାସନ ବ୍ୟାହତ



ତେନ୍ତୁଳିଖୁଣ୍ଟି,୨।୪(ସମିସ): ୨ ମାସର ବିଦ୍ୟୁତ ବିଲ୍ ବକେୟା ଯୋଗୁ ଘରୋଇ କମ୍ପାନୀ ଟାଟା ପାୱାର ପକ୍ଷରୁ ଇନ୍ଦ୍ରାବତୀ ପ୍ରକଳ୍ପର ୪ଟି ଗୁରୁତ୍ୱପୂର୍ଣ୍ଣ ବନ୍ଧ ଅଞ୍ଚଳକୁ ବିଦ୍ୟୁତ ସଂଯୋଗ କାଟି ଦିଆଯିବାର ୭୨ ଘଣ୍ଟା ଅତିକ୍ରାନ୍ତ ହୋଇଛି। ଫଳରେ ଇନ୍ଦ୍ରାବତୀ ଓ ମୁରାନ ବନ୍ଧ ଭିତର ଗ୍ୟାଲେରୀ ଝର ପାଣିରେ ବୁଡ଼ି ରହିଛି। ବିଦ୍ୟୁତ୍ ବିଚ୍ଛିନ୍ନ ଯୋଗୁ ସମସ୍ତ ଉଚ୍ଚ ଶକ୍ତି ସମ୍ପନ୍ନ ପାଣି ମୋଟର ଅଚଳ ହୋଇପଡ଼ିଛି। ଯାହାଫଳରେ ଡି ୱାଟରିଙ୍ଗ ଅଥବା ଜଳ ନିଷ୍କାସନ ବ୍ୟାହତ ଯୋଗୁ ବନ୍ଧ ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଇନ୍ଦ୍ରାବତୀ ପ୍ରକଳ୍ପ ର ଚାରି ଚାରିଟି ବନ୍ଧ। ଇନ୍ଦ୍ରାବତୀ ନଦୀବନ୍ଧର ଜଳ ବ୍ୟବହାର କରି ୬୦୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହେବା ପରେ ରାଜ୍ୟ ସରକାରଙ୍କ ସହ ଚୁକ୍ତିନାମା ଅନୁଯାୟୀ ବଣ୍ଟନ କମ୍ପାନୀ ଗ୍ରାହକଙ୍କୁ ବିଦ୍ୟୁତ୍ ସେବା ଦେଇଥାଏ। କିନ୍ତୁ ଏଠାରେ ଜଳସମ୍ପଦ ଉତ୍ସ ଉପରେ ବଣ୍ଟନ କମ୍ପାନୀର ଜୁଲମ। ଜଳକର ପ୍ରତି ବର୍ଷ ଉତ୍ପାଦକ କମ୍ପାନୀ ଠିକ୍ ରୂପେ ଦେଉ ନ ଥିବା ବେଳେ ବଣ୍ଟନ କାରୀ ଟାଟା ପାୱାର ଜଳ ଉତ୍ସ ରକ୍ଷକ ଉପରେ ଅର୍ଥାତ୍ ଚାରି ଟି ବନ୍ଧ କପୁର,ମୁରାନ, ପୋଡ଼ାଗଡ ଓ ଇନ୍ଦ୍ରାବତୀ ବନ୍ଧର ବିଦ୍ୟୁତ୍ ସଂଯୋଗ କାଟି ଦେଇଛନ୍ତି। ଦୁଇ ମାସର ବିଦ୍ୟୁତ ବିଲ ମାତ୍ର ୩ ଲକ୍ଷ ୬୦ ହଜାର ଟଙ୍କା ବକେୟା ପାଇଁ ଟାଟା ପାୱାର କର୍ତ୍ତୃପକ୍ଷ ସରକାରୀ ଅନୁଷ୍ଠାନର ବିଦ୍ୟୁତ୍ କାଟିବା କମ୍ପାନୀର ମନମୁଖୀକୁ ସ୍ପଷ୍ଟ କରୁଛି। ତିନି ଦିନ ହେଲା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରା ଯାଇଥିବାରୁ ଗ୍ୟାଲେରୀ ଜଳମୟ ହୋଇଛି । ଫଳସ୍ୱରୂପ ବନ୍ଧ ପ୍ରତି ବିପଦ ଆଶଙ୍କା ରହିଛି। ସ୍ୱର୍ଣ୍ଣକାତର ଅଞ୍ଚଳ ତଥା ସରକାରୀ ବିଭାଗ ଦ୍ୱାରା ପରିଚାଳିତ ସ୍ଥାନର ବିଦ୍ୟୁତ ବିଚ୍ଛିନ୍ନ କରିବା, ବିନା ସୂଚନାରେ ବିଦ୍ୟୁତ କାଟିବା ଯୋଗୁ ଅବ୍ୟବସ୍ଥା ସୃଷ୍ଟି ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହେଉଛି।

# ଜଙ୍ଗଲରେ ନିଆଁ ନିୟନ୍ତ୍ରଣ ସଚେତନତା

ରାଇଘର, ୨।୪ (ସମିସ):

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ବନାଞ୍ଚଳ ପକ୍ଷରୁ ବନାଞ୍ଚଳ ସ୍ତରୀୟ ଜଙ୍ଗଲ ନିଆଁର ନିୟନ୍ତ୍ରଣ ଓ ନିବାରଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ କାର୍ଯ୍ୟାଳୟ ଠାରେ ରାଇଘର ଫରେଷ୍ଟ ରେଞ୍ଜର ଅବଦୁଲ ସମଦଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ରାଇଘର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରିତୁ ସିଂ, ଅତିରିକ୍ତ ତହସିଲଦାର ମୌସୁମୀ ସଜନ, ଅଗ୍ନିଶମ ବିଭାଗ ଅଧିକାରୀ ଗୁପେଶ୍ୱର୍ ଦାସ, ସାଂସଦ ପ୍ରତିନିଧି ପ୍ରୀତି ସ୍ନିଧା ମହାପାତ୍ର, ଆମଜଙ୍ଗଲ ଯୋଜନାର ସରୋଜ ଦଳାଇ, କେନ୍ଦୁ ପତ୍ର ଅଧିକାରୀ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ ସୁରକ୍ଷା କରିବା ସହ ଜଙ୍ଗଲ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଜଙ୍ଗଲରେ ନିଆଁ ଲଗାଇବା ଆଇନଗତ ଅପରାଧ ତେଣୁ ଜଙ୍ଗଲରେ ନିଆଁ ଲଗାଇବା ନାହିଁ ଏବଂ ଯଦି ଜଙ୍ଗଲରେ ନିଆଁ ଲାଗିଥିବା ଦେଖିଲେ ତୁରନ୍ତ ବନ ବିଭାଗକୁ ଜଣାଇବା ପାଇଁ କହିଥିଲେ। ସେହିପରି ଜଙ୍ଗଲର ନିଆଁକୁ କିଭଳି ନିୟନ୍ତ୍ରଣ ଓ ନିବାରଣ କରିହେବ ସେ ନେଇ ଉପସ୍ଥିତ ଥିବା ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟ ମାନଙ୍କୁ ବୁଝାଇ ଥିଲେ। ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଜଣେ ଜଣେ ପାଞ୍ଚଟି ଗଛ ଲଗାଇବା ସହ ଗଛ ଗୁଡିକର ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବନାଞ୍ଚଳର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକର୍ମକୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବହୁ ବନାଞ୍ଚଳର ସୁରକ୍ଷା କମିଟି ଯୋଗ ଦେଇଥିଲେ।

## ସ୍ୱର୍ଗତଃ ଉଲାକାଙ୍କ ପ୍ରତିମୂର୍ତ୍ତି ଅବସ୍ଥାପିତ ପାର୍କ ନେଇ ନୀରବତା

# ଜିଲ୍ଲାପାଳଙ୍କ ଉପରେ ରାଜ୍ୟ ସରକାରଙ୍କ ଚାପ : ସାଂସଦ ସପ୍ତଗିରି

ରାୟଗଡ଼ା,୨।୪(ସମିସ): ଏପ୍ରିଲ ୧ ତାରିଖ ଓଡିଶା ଦିବସକୁ ରାୟଗଡ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳନ କରାଯାଇଥିବା ବେଳେ ସହରରେ ଅବସ୍ଥାପିତ ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ତେବେ ସହରର ନେହୁରୁ ନଗର ଦ୍ୱିତୀୟ ଗଳିରେ ଥିବା ଶ୍ରୀ ରାମଚନ୍ଦ ପାର୍କରେ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକାଙ୍କ ବାପା ତଥା ପୂର୍ବତନ ମନ୍ତ୍ରୀ, ଅବିଭକ୍ତ କୋରାପୁଟ ଜିଲ୍ଲାର ଟାଣୁଆ ଆଦିବାସୀ ନେତା ସ୍ୱର୍ଗତ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତିରେ କିନ୍ତୁ ଜିଲ୍ଲା ପ୍ରଶାସନ ପୁଷ୍ପମାଲ୍ୟ ପକାଇବା କିମ୍ବା ଶ୍ରଦ୍ଧାଞ୍ଜଳି ଜଣାଇବା ଭୁଲିଗଲା। ସାଂସଦ ରାୟଗଡରେ ଅନୁପସ୍ଥିତ ଥିବା ବେଳେ ଏପରିକି କଂଗ୍ରେସର ବହୁ ସ୍ଥାନୀୟ ବରିଷ୍ଠ ନେତାମାନେ ମଧ୍ୟ ଫୁଲ ମାଳ ଟିଏ ଦେଇ ନ ଥିବା ଶୁଣିବାକୁ ମିଳିଛି। ବହୁ ବାଦ ବିବାଦ ମଧ୍ୟରେ ଏହି ପ୍ରତିମୂର୍ତ୍ତି ସ୍ଥାପନା କରାଯାଇଥିବା ବେଳେ ଓଡିଶା ଦିବସ ପାଳନ ଅବସରରେ ପୌର ପ୍ରଶାସନ ପକ୍ଷରୁ ପାର୍କକୁ ସଫା ସୁତୁରା କରାଯାଇଥିଲା। ଏଠାରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କାର୍ଯ୍ୟକ୍ରମ ଥିଲା କିମ୍ବା ନ ଥିଲା ତାହା ସ୍ପଷ୍ଟ ହୋଇ ପାରିନାହିଁ । ତେବେ କେଉଁ କାରଣରୁ ଜଣେ ଲୋକ ପ୍ରିୟ ନେତାଙ୍କ ପ୍ରତିମୂର୍ତ୍ତିକୁ ପ୍ରଶାସନ ଭୁଲିଗଲା ତାହା ଏବେ ସମସ୍ତଙ୍କୁ ଚକିତ କରିଛି । ଯାହାକୁ ନେଇ ସାଂସଦ ସପ୍ତଗିରି ଉଲାକା ପ୍ରଶାସନର ଏଭଳି ମାନସିକତାକୁ ନିନ୍ଦନୀୟ କହିବା ସହ ପୂର୍ବତନ ସାଂସଦ ତଥା ବିରୋଧୀ ଦଳ ନେତା ମୋର ବାପା ସ୍ୱର୍ଗତଃ ରାମଚନ୍ଦ୍ର ଉଲାକାଙ୍କ ପ୍ରତିମୂର୍ତ୍ତିକୁ ଯେଉଁଭଳି ଭାବରେ ଅସମ୍ମାନ କରି ତାଲା ପକାଇ ରଖାଯାଇଛି, ଏହା ଅତ୍ୟନ୍ତ ଦୁଃଖଦର ବିଷୟ। ଛତିଶଗଡ଼, ତେଲେଙ୍ଗାନା ଏବଂ



କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଘନିଷ୍ଠ ଭାବରେ କାମ କରିବା କାରଣରୁ ନ୍ୟାୟିକ ପ୍ରସାଶନିକ ବ୍ୟବସ୍ଥା ଉପରେ ମୋର ଯଥେଷ୍ଟ ଅଭିଜ୍ଞତା ରହିଛି। ବାରମ୍ବାର ଅନୁରୋଧ ସତ୍ତ୍ୱେ ପାର୍କକୁ ଖୋଲିବା କି ମରାମତି କରିବା ପାଇଁ ଜିଲ୍ଲାପାଳଙ୍କ ନୀରବତା, ତାଙ୍କ ଉପରେ ରାଜ୍ୟ ସରକାରଙ୍କ ଚାପକୁ ସ୍ପଷ୍ଟ କରୁଛି। ଯେହେତ ପ୍ରତିମୂର୍ତ୍ତି ପ୍ରତିସ୍ଥାପନ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି, ତେଣୁ ଜିଲ୍ଲାପାଳଙ୍କୁ ହାକୁ କଂଗ୍ରେସ ଭବନକୁ ସ୍ଥାନାନ୍ତର କରିବାକୁ ଅନୁମତି ଦିଅନ୍ତୁ ବୋଲି ସେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଦଳୀୟ ରାଜନୀତିକୁ ଗୁରୁତ୍ୱ ଦେଇ କୋରାପୁଟ କଂଗ୍ରେସ ସାଂସଦଙ୍କ ବାପା ତଥା ପୂର୍ବତନ କଂଗ୍ରେସ ସାଂସଦ, ପୂର୍ବତନ ବିଧାୟକ ସ୍ୱର୍ଗତଃ ରାମଚନ୍ଦ୍ର ଉଲାକାଙ୍କ ପ୍ରତି ଏ ଅସମ୍ମାନ ଯେତିକି ନିନ୍ଦନୀୟ ସେତିକି ଦୁର୍ଭାଗ୍ୟଜନକ। ଅବିଭକ୍ତ କୋରାପୁଟ ଏବଂ ସାମଗ୍ରିକ ଭାବରେ ଆଦିବାସୀ ସମ୍ପ୍ରଦାୟର ବିକାଶ ପାଇଁ ସ୍ୱର୍ଗତଃ ଉଲାକାଙ୍କ ଅବଦାନ ଅତୁଳନୀୟ। ତାଙ୍କ ପ୍ରତି ଅପମାନ ରାୟଗଡ଼ ଏବଂ କୋରାପୁଟ ଜିଲ୍ଲାର ସମଗ୍ର ଜନସାଧାରଣ ତଥା ସର୍ବୋପରି ଆଦିବାସୀଙ୍କ ପ୍ରତି ଅପମାନ ବୋଲି କହି ସାଂସଦ ଶ୍ରୀ ଉଲାକା ଜିଲ୍ଲା ପ୍ରଶାସନ ଓ ଶାସକ ଦଳର ଶସ୍ତା ରାଜନୀତି ଉପରେ ବର୍ଷିଛନ୍ତି।

## ● ବାଟିବେଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ସ୍ୱାଧୀନତା ସଂଗ୍ରାମୀ ରବିସିଂ ମାଝିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ



ଉମରକୋଟ,୨।୪ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନି ପଞ୍ଚାୟତ ଅନ୍ତର୍ଗତ ବାଟିବେଡା ଆଶ୍ରମ ବିଦ୍ୟାଳୟ ଠାରେ ବାର୍ଷିକ ଉତ୍ସବ ମ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ମୃତିରଞ୍ଜନ ରାଉତ ପରିଚାଳନା କରିଥଲେ। ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରବିସିଂ ମାଝିଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗଣଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପାଢୀ , ଝରିଗାଁ ବିଧାୟକ ପ୍ରତିନିଧି ସୋନା ମାଝୀ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁଶୀଳା ମାଝି, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବିନ୍ଦ୍ର ,ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ କୃଷ୍ଣ ସାହୁ ,ସମିତି ସଭ୍ୟା ଚମ୍ପାବତି ମାଝି, ସରପଞ୍ଚ ମାଳତି ମାଝି, ଜିଲ୍ଲା ପରିଷଦ ସଭ୍ୟ , ସିଆରସିସି ଅଜିତ ଚନ୍ଦ୍ର ବିଶ୍ୱାସ, ପରିଚାଳନା କମିଟି ସଭାପତି ପଞ୍ଚୁରାମ ପୂଜାରୀ , ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଏସଓ ରାମଚନ୍ଦ୍ର ରଘୁ ମଣ୍ଡଳ ଏବଂ ଅନ୍ୟାନ୍ୟ ଅତିଥି ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ରବିସିଂ ମାଝିଙ୍କ ବଡ଼ଝିଅ ଭାରତୀ ନାୟକ ନାତି କରୁଣା ମାଝି ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ। ପ୍ରଧାନ ଶିକ୍ଷକ ଫ୍ରାମସିସ ନାଗ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଶିକ୍ଷକ ଆଶିଷ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ନିର୍ଦ୍ଦେଶକୁ ଅବମାନନା

# ପ୍ରଚଣ୍ଡ ଖରାରେ ଶ୍ରମିକଙ୍କ ଓଭରବ୍ରିଜ୍ କାମ

ରାୟଗଡ଼ା,୨।୪(ସମିସ): ଚଳିତ ବର୍ଷ ଏପ୍ରିଲ ମାସ ୧ତାରିଖରୁ ଆସନ୍ତା ଜୁନ ୧୫ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ରୌଦ୍ୟତାପ ଜନିତ ଅଂଶୁଘାତରୁ ରକ୍ଷା କରିବା ପାଇଁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଶ୍ରମିକଙ୍କ ପାଇଁ ବିହିତ ପଦକ୍ଷେପ ନେବା ନିମନ୍ତେ ଜିଲ୍ଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଏପ୍ରିଲ ମାସ ୧ ତାରିଖରେ ରାୟଗଡ଼ା ସହରର ରେଳ ଓଭରବ୍ରିଜ ରଙ୍ଗମରା କାମରେ ୩ରୁ ଅଧିକ ଶ୍ରମିକ ନିୟୋଜିତ ଥିବା ବେଳେ ଅନ୍ୟ ମାନେ ମଧ୍ୟ ମଧ୍ୟାହ୍ନ ୧୨ ଟାରୁ ୧ଟା ସମୟ ମଧ୍ୟରେ ପ୍ରଚଣ୍ଡ ରୌଦ୍ର୍ୟ ତାପରେ ଝାଳନାଳ ହୋଇ ଠିକା ସଂସ୍ଥାର ନିର୍ଦ୍ଦେଶ କ୍ରମେ କାମ କରୁଥିବାର ଦେଖିବାକୁ ମିଳିଥିଲା। କେବଳ ଏତିକି ନୁହେଁ ଆଜି ସହରର ବିଭିନ୍ନ ସ୍ଥାନରେ ପୂର୍ବାହ୍ନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଶ୍ରମିକମାନେ କାର୍ଯ୍ୟରତ ଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଏ ନେଇ ରାୟଗଡ ଜିଲ୍ଲା ଶ୍ରମ ଅଧିକାରୀ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କୁ ଶ୍ରମିକମାନେ କାମ କରୁଥିବା ବିଷୟରେ ପଚାରିବାରୁ ଘଟଣା ସମ୍ପର୍କରେ ପଚାରି ବୁଝୁଛି ବୋଲି କହିଥିଲେ। କିନ୍ତୁ ଅଧିକାରୀ ଅବଗତ ହେବା ପରେ ମଧ୍ୟ ଶ୍ରମିକ ମାନେ କାମ କରୁଥିବା ଦେଖିବାକୁ ମିଳିଥିଲା। ଶ୍ରମିକମାନଙ୍କୁ ପ୍ରଚଣ୍ଡ ରୋଦ୍ରତାପରୁ ରକ୍ଷା କରିବା ପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟରେ ନ ଲଗାଇବାକୁ ବିବିଧ ବ୍ୟବସ୍ଥା ଗ୍ରହଣ କରିବାକୁ ଓ ଆବଶ୍ୟକ ସ୍ଥଳେ କାର୍ଯ୍ୟ ନିର୍ଘଣ୍ଟ ସମୟ ପରିବର୍ତ୍ତନ କରିବାକୁ ଓଡିଶା ସରକାରଙ୍କ ସମସ୍ତ ବିଭାଗ ତଥା ଓଡିଶାରେ ଥିବା ଭାରତ ସରକାରଙ୍କ ସମସ୍ତ ବିଭାଗ,ବେସରକାରୀ ନିଯୁକ୍ତିଦାତା,ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା,ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ମାଲିକ ଏବଂ ଠିକାଦାରମାନଙ୍କୁ ଶ୍ରମ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯିବା ସହ ଅନୁରୋଧ କରାଯାଇଥିଲା। ରାୟଗଡ଼ା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅଂଶୁଘାତ ତଥା ଶ୍ରମିକମାନଙ୍କ କାର୍ଯ୍ୟ ସମୟ ନିର୍ଘଣ୍ଟକୁ ନେଇ ଗତ ମାସରେ ଏକ ଜିଲ୍ଲାସ୍ତରୀୟ ବୈଠକ ମଧ୍ୟ ଶ୍ରମ ବିଭାଗ



ପକ୍ଷରୁ ଅନୁଷ୍ଠିତ ହୋଇଥିଲା। କିନ୍ତୁ ଏପ୍ରିଲ ମାସର ପ୍ରଥମ ଦିନକୁ ଅଧିକ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଜାତୀୟ ରାଜପଥ ବିଭାଗ ଅଧିନସ୍ଥ ଉକ୍ତ ରେଳ ଓଭରବ୍ରିଜ ମରାମତି ଓ ରଙ୍ଗମରା କାମରେ ପ୍ରଚଣ୍ଡ ଖରାରେ ଅସହାୟ ଶ୍ରମିକମାନେ ପୂର୍ବାହ୍ନରୁ ସଂଧ୍ୟା ଯାଏଁ କାମ କରୁଥିବାର ଦେଖିବାକୁ ମିଳିଥିଲା। ତେବେ ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ନିଯୁକ୍ତିଦାତାମାନେ ସତର୍କମୂଳକ ପଦକ୍ଷେପ ଗ୍ରହଣ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨।୪(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର କାଂକେରରେ ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛି। କେନ୍ଦ୍ର ସରକାର ଗତ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ମାଓବାଦୀ ମାନଙ୍କୁ ଆତ୍ମସମର୍ପଣ କର, ନଚେତ ପରିଣାମ ଭୟଙ୍କର ହେବ ବୋଲି ଚେତାବନୀ ଦେଇଥିବା ବେଳେ ଏହି ତାରିଖ ଶେଷ ହୋଇଥିବା ପରେ ମଧ୍ୟ ମାଓବାଦୀ ମାନେ ଆତ୍ମସମର୍ପଣ କରୁଛନ୍ତି। ଏହି କ୍ରମରେ ଆଜି ମହିଳା ମାଓବାଦୀ ରାମକୋ ମାଣ୍ଡବି ପୁଲିସ ନିକଟରେ ଆତ୍ମସମର୍ପଣ କରିଛି। ସେ ମାଓ ସଙ୍ଗଠନର ଏରିଆ କମିଟି ସଦସ୍ୟା ଭାବେ କାର୍ଯ୍ୟ କରୁଥିବା ସହ କୁଖ୍ୟାତ ମାଓ ନେତ୍ରୀ ରୂପୀର ସୁରକ୍ଷା କର୍ମୀ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରୁଥିଲା। ରାମକୋର ଆତ୍ମସମର୍ପଣ ପରେ ରୂପୀ ମଧ୍ୟ ପୁଲିସ ନିକଟରେ ଆତ୍ମସମର୍ପଣ କରିପାରେ ବୋଲି କୁହାଯାଉଛି। ଏହା ସହ ପୋଲିସ ମଧ୍ୟ ରାମକୋ ପ୍ରଦାନ କରିଥିବା ତଥ୍ୟକୁ ଆଧାର କରି ରୂପୀର ତଲାସି ଜାରି ରଖିଛି। ଆତ୍ମସମର୍ପଣ କାରୀ ମହିଳା ମାଓବାଦୀଙ୍କୁ ସରକାରୀ ନୀତି ଅନୁଯାୟୀ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ମାଁ ଶୀତଳା ଠାକୁରାଣୀଙ୍କ ଘଟଯାତ୍ରା ସମ୍ପନ୍ନ

କୋଟପାଡ, ୨।୪ (ସମିସ):

ବୁଧବାର ଦିନ ଧୁମ୍‌ଧାମରେ ସମାପନ ହେଇଯାଇଛି ମାଁ ଶୀତଳା ଠାକୁରାଣୀଙ୍କ ତ୍ରୟ ବାର୍ଷିକ ଘଟଯାତ୍ରା। ସକାଳ ୭ ଘଣ୍ଟାରୁ ସହର ସମସ୍ତ ସାହିରୁ ଘଟ କୁମ୍ଭ ଦେବା ସହିତ ମାନସିକ ଧାରି ମାନେ ନିଜ ନିଜ ଘରେ ପୂଜାରୀ ମାନଙ୍କ ଦ୍ୱାରା ପୂଜାପାଠ ଅନୁଷ୍ଠିତ କରି ଘଟ କୁମ୍ଭ ସ୍ଥାପନା କଲା ପରେ ଘଣ୍ଟ ମହୁରି ନାଗରା ବଜେଇ ମାଁ ଶୀତଳା ଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ପୂଜାପାଠ ହୋମଯଜ୍ଞ ଅନୁଷ୍ଠିତ କରି ଅପରାହ୍ନ ସନ୍ଧ୍ୟା ୫ଟାରେ ମାଁ ଙ୍କ ବିମାନ ସହ ସହର ପରିକ୍ରମା କରି ୨ କିମି ଦମୟନ୍ତୀ ସାଗର ଶେଷ ମୁଣ୍ଡରେ ରାତ୍ର ୯ ଘଣ୍ଟା ରେ ପହଞ୍ଚି ଅସ୍ଥାୟୀ ପୀଠରେ ମାଁ ଙ୍କୁ ବିରାଜମାନ କରିଥିଲେ। ଏଥିରେ ଯେଉଁ ମାନେ ଘଟ କୁମ୍ଭ ଧରି ମାଁ ଙ୍କ ସହିତ ଯାଉଥିଲେ ସେମାନଙ୍କୁ ବିଭିନ୍ନ ଦେବା ଦେବୀ ପ୍ରସନ୍ନ ହୋଇ କଳସୀ ଲାଗି ବିଭିନ୍ନ ରୂପରେ ନୃତ୍ୟ ପରିବେଷଣ କରିଥିଲେ। ଆଖପାଖ ଗ୍ରାମାଞ୍ଚଳର



ଦେବା ଦେବୀଙ୍କ ଲାଠି, ଖୁର୍ଚ୍ଚଇ, ଡୋଲୀ ଇତ୍ୟାଦି ନାଗରା,ବାମ୍ପୋ, ମୁହୁରି ଘଣ୍ଟ ଶବ୍ଦର ତାଳେ ତାଳେ ନାଚୁଥିବା ଦେଖିବାକୁ ମିଳିଥିଲା। ମନ୍ଦିର ରୁ ମାଁ ଙ୍କ ବିମାନ ବାହାରିବା ସମୟରେ ଏହି ଅଞ୍ଚଳର ଆଦିବାସୀ, ମାଡିଆ ନାଚ, କାଳୀ ମହିସା ସୁର ନାଚ, ଶିବ ତାଣ୍ଡବ ନୃତ୍ୟ ଇତ୍ୟାଦି ଶୋଭାଯାତ୍ରା ବାହାରି ଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁ ଦୁଇ କିମି ପର୍ଯ୍ୟନ୍ତ ରୁଣ୍ଡ ହୋଇଥିଲା। ପ୍ରଶାସନ ତରଫରୁ ମନ୍ଦିର ପୂଜା କମିଟିଙ୍କୁ ସମସ୍ତ ସହଯୋଗ କରିଥିବା ବେଳେ ପୁଲିସ ପ୍ରଶାସନ ତରଫରୁ ପ୍ରତ୍ୟେକ ଗଳି କନ୍ଦରେ ଟ୍ରାଫିକ ନିୟନ୍ତିତ କରିଥିଲେ। ମାଁ ଙ୍କ ଅସ୍ଥାୟୀ ପୂଜା ମଣ୍ଡପ ନିକଟରେ ଆନ୍ଧ୍ରର ଆତସ ବାଜି ଆକର୍ଷଣ କେନ୍ଦ୍ର ବିନ୍ଦୁ ପାଲଟି ଥଲା। ରାତ୍ର ଦଶ ଘଣ୍ଟ ସମୟରେ ଅସ୍ଥାୟୀ ପୀଠରେ ପଣ୍ଡିତ ମାନଙ୍କ ଦ୍ୱାରା ହୋମଯଜ୍ଞ ଅନୁଷ୍ଠିତ କଲାପରେ ମାଁଙ୍କ ନିକଟରେ ବଳି ପଡ଼ିଥିଲା। ସେଠାରୁ ନିଛାଟିଆ ରାତ୍ରରେ ପୁଣି ବିମାନ ଦ୍ୱାରା ପୁଣି ବାହୋରଗୋଡ଼ ସାହି ସ୍ଥାୟୀ ମନ୍ଦିରକୁ ଅଣାଯାଇଥିଲା। ମା' ଶୀତଳା ଠାରକୁରାଣୀଙ୍କ ଘଟ ପର୍ବ ପରିଚାଳନା କମିଟି ସଭାପତ ମଣି ପ୍ରସାଦ ପଟ୍ଟନାୟକ. ସମ୍ପାଦକ ରାମେଶ୍ୱେର ଜେନା. କୋଷାଧ୍ୟକ୍ଷ ବିନାୟକ ଆଚାର୍ଯ୍ୟ. ବୃନ୍ଦାବନ ମହାଙ୍କୁଡ. ଗୋପୀନାଥ ବିଶୋଇ, ବାଲ୍ୟ ନାୟକ, ଦେବେନ୍ଦ୍ର ବୈଦ୍ୟ, ଏହି ନବଦିନ ଘଟ ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିଥିବାରୁ ଭକ୍ତ ମାନେ ବହୁ ସନ୍ତୋଷ ପ୍ରକାଶ କରିଛନ୍ତି। କମିଟି ପକ୍ଷରୁ ଲୋକଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ମା' ମଝିଘରିଆଣୀଙ୍କ ଚୈତ୍ର ପର୍ବ ଓ ଝାମୁଯାତ୍ରା ସମ୍ପନ୍ନ

ରାୟଗଡ଼ା,୨।୪(ସମିସ): ଗତ ମାର୍ଚ୍ଚ ମାସ ୨୯ ତାରିଖରୁ ଏପ୍ରିଲ ୨ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ଚୈତ୍ର ପର୍ବ ଓ ଝାମୁଯାତ୍ରା ପାଳିତ ହୋଇଥିଲା। ଆଜି ଏହି ଉତ୍ସବର ଶେଷ ଦିନରେ ଝାମୁ ଅଗ୍ନି ପୂଜା ପରେ ପୂଜକ ଅଗ୍ନିରେ ଚାଲିବା ଏବଂ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଶେଷ ହେବା ସହ ଚରୁ ବିତରଣ କରାଯାଇଥିଲା। ଆଜି ଗୁରୁବାର ଅପରାହ୍ନ ୩.୨୭ମି.ଠାରୁ ସଂଧ୍ୟା ୭.୨୫ମି ମଧ୍ୟରେ ମାଁଙ୍କ ଝାମୁଯାତ୍ରା ପାଇଁ ଅଗ୍ନି ସଂଯୋଗ କାର୍ଯ୍ୟକ୍ରମ ରହିଥିଲା। ସେହିପରି ରାତ୍ର ୮.୩୦ରୁ ରାତ୍ର ୧୦.୫୫ଟା ମଧ୍ୟରେ ପୂଜକଙ୍କ କଣ୍ଟା ଦୋଳି ଝୁଲଣ ଏବଂ ଅଗ୍ନି ଗମନାଗମନ



ପାରମ୍ପରିକ ରୀତି ନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ଆଜି ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ମାଁଙ୍କ ମନ୍ଦିରରେ ପୂଜକ ଚନ୍ଦ୍ରଶେଖର ବେରୁକ, ଲୁଲୁ ବେରୁକ,କେଦାର ବେରୁକଙ୍କ ସମେତ ଅନ୍ୟ ପୂଜାରୀମାନେ ମାଁଙ୍କ ପାରମ୍ପରିକ ପୂଜାବିଧିକୁ ନେଇ ପୂଜାର୍ଚ୍ଚନା କରିଥିବା ବେଳେ ଗଂଜାମ ଜିଲ୍ଲାର କବିସୂର୍ଯ୍ୟନଗରରୁ ଆସିଥିବା ପଣ୍ଡିତମାନେ ହୋମଯଜ୍ଞ ପୂଜାବିଧିକୁ ରୀତିନୀତି ଅନୁଯାୟୀ ସମାପନ କରିଥିଲେ। ମନ୍ଦିର ଟ୍ରଷ୍ଟି ଅଧକ୍ଷ ରାଇସିଂ ବିଡିକା, ସଦସ୍ୟ ରାଧାକାନ୍ତ ଦଳେଇ, ଇପିଲି ସନ୍ୟାସି ରାଜୁ, ଦେବେନ୍ଦ୍ର ବେହେରା, ବି.ଶ୍ରୀନିବାସ ରାଓ, ପାଲକୋଣ୍ଡା ପ୍ରକାଶ ଙ୍କ ସମେତ ମନ୍ଦିର ଅଧିକ୍ଷକ ଜାନକୀ ବଲ୍ଲଭ ମହାନ୍ତି, ହିସାବ ରକ୍ଷକ ଭେଙ୍କେଟେଶ୍ୱର ରାଓ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଆଜି ସଂଧ୍ୟାରେ ମାଁଙ୍କ ଘଟ ନଗର ପରିକ୍ରମା କରିଥିବା ବେଳେ ସକାଳେ ସୂର୍ଯ୍ୟପୂଜା ପରେ ଶାଳପୂଜା, ମୁଖ୍ୟ ଦେବୀଙ୍କ ଷୋଡଶ ଉପଚାର ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅମ୍ବାଦଳା ଲ୍ୟାମ୍ପସର ବାର୍ଷିକ ସାଧାରଣ ସଭା

ଅମ୍ବାଦଳା,୨।୪(ସମିସ): ରାୟଗଡା ଜିଲ୍ଲାର ଅମ୍ବାଦଳା ଲ୍ୟାମ୍ପସର ୨୦୨୫-୨୦୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସଭାରେ ଅଞ୍ଚଳର ଶତାଧିକ ଚାଷୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମବାୟ ସମିତି ସଭାପତି ଜଗନ୍ନାଥ ନୁଣ୍ଡରୁକା ଯୋଗଦେଇଥିବାବେଳେ, ସମ୍ମାନିତ ଅତିଥି ଭାବେ ଉପସଭାପତି ସୁବାଶିନୀ ମାଝୀ ଏମ.ଡି ଏମ.ଶଙ୍କର ରାଓ ଉପସ୍ଥିତ ଥିଲେ। ସଭାରେ ସମିତିର ବର୍ତ୍ତମାନ ବର୍ଷର କାର୍ଯ୍ୟକଳାପ, ଆର୍ଥିକ ହିସାବ ପ୍ରତିବେଦନ ଓ ଆଗାମୀ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା ଚାଷୀମାନଙ୍କ ସୁବିଧା, ସରକାରୀ ଯୋଜନାର ସଠିକ୍ ରୂପାୟଣ, ବୀଜ ଓ ସାର ବଣ୍ଟନ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବା ଉପରେ ମତବିନିମୟ ହୋଇଥିଲା। ଶେଷରେ ଚାଷୀମାନଙ୍କ ମତାମତ ଗ୍ରହଣ କରାଯାଇଥିବା ସହ ଲାମ୍ପସ ସଂସ୍ଥା ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଯାଇଥିଲା। କାର୍ଯ୍ୟକ୍ରମରେ ଲାମ୍ପସ ସଦସ୍ୟ ଜଗନ୍ନାଥ ପ୍ରସାଦ, ସୀମାଞ୍ଚଳ ପାତ୍ର, ସୀମାଞ୍ଚଳ ରଣା, ହୀରାଲାଲ କରକରିଆ, ପଞ୍ଚାନନ କରକରିଆ, ରାମ



ପ୍ରକାଶ କରକରିଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ଲାମ୍ପସ କର୍ମଚାରୀ ଘାସିରାମ ଶିକକା, ରମେଶ କରୁଆଁ, କେଦାର ଠେଲା, ସୌମ୍ୟ ପାତ୍ର ଓ କୃଷି ଅଧିକାରୀ ବିଲାଶ ଗଣ୍ଡାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ୯୦ ଲିଟର ଦେଶୀମଦ ଜବତ

ଜୟପୁର,୨।୪(ସମିସ):ଜୟପୁର ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ କଳାଗୁଡା ଗ୍ରାମ ଉପରେ ଚଢଉ କରାଯାଇ ଦେଶୀ ମଦ ଚାଲାଣ କରୁଥିବା ଅଭିଯୋଗରେ କଳାଗୁଡା ଗ୍ରାମର ନୀର କୁଲଦୀପଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କଳାଗୁଡା ଗ୍ରାମରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତ କରାଯାଇ ଜୟପୁର ସହର ସମେତ ଆଖପାଖ ବେଆଇନ ମଦଭାଟିକୁ ଚାଲାଣ କରାଯାଇଥାଏ। ଅବକାରୀ ଥାନା ଅଧିକାରୀ ସୁବ୍ରତ କେଶରୀ ହିରନଙ୍କ ନେତୃତ୍ୱରେ ଏହି ଚଢଉ କରାଯାଇ ୯୦ ଲିଟର ମଦ ଜବତ କରାଯାଇଛି।

# ୩୦ ସେଞ୍ଚୁରିଆନ ସାଥୀ ସମ୍ମାନିତ



ମାଲକାନଗିରି, ୨।୪(ସମିସ): ମାଲକାନଗିରି ଜିଲ୍ଲାରେ ଆଜି ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତିବିଦ୍ୟା ଏବଂ ପରିଚାଳନା ବିଶ୍ୱବିଦ୍ୟାଳୟର ପାରଳାଖେମୁଣ୍ଡି କ୍ୟାମ୍ପସ ପକ୍ଷରୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରଯାଇଥିଲା। କାର୍ଯ୍ୟକ୍ରମରେ ଯୁବପିଢ଼ିଙ୍କୁ ମାର୍ଗଦର୍ଶନ ଏବଂ ଶିକ୍ଷା କ୍ଷେତ୍ରରେ ଅବଦାନ ଥିବା ବିଭିନ୍ନ ଅଞ୍ଚଳର ୩୦ ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବ୍ୟକ୍ତିମାନଙ୍କୁ "ସେଞ୍ଚୁରିଆନ ସାଥୀ" ଭାବରେ ସମ୍ମାନିତ କରାଯାଇଥିଲା ଏହି ଅବସରରେ ଏକ ଆଲୋଚନା ଚକ୍ର କରାଯାଇଥିବା ବେଳେ ଏଥିରେ ପାରଳାଖେମୁଣ୍ଡି କ୍ୟାମ୍ପସ ସ୍କୁଲ ଅଫ୍ ନର୍ସିଂର ପ୍ରୋଗ୍ରାମ ସଂଯୋଜକ ବରପ୍ରସାଦ ତ୍ରିପାଠି, ସମସ୍ତ ସେଞ୍ଚୁରିଆନ ସାଥୀଙ୍କୁ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମରେ ସ୍ୱାଗତ କରିଥିଲେ। ଏହି ଅବସରରେ ସିୟୁଟିଏମ୍ ସ୍କୁଲ ଅଫ୍ ଇଞ୍ଜିନିୟରିଂର ଡିନ୍ ଡକ୍ଟର ପ୍ରଫୁଲ୍ଲ ପଣ୍ଡା, ସିୟୁଟିଏମ୍ ଦ୍ୱାରା ପ୍ରଦାନ କରାଯାଉଥିବା ବିଭିନ୍ନ ଦକ୍ଷତା କାର୍ଯ୍ୟକ୍ରମର ଏକ ସମୀକ୍ଷା ପ୍ରଦାନ କରିଥିଲେ। ଡକ୍ଟର ସମ୍ବିଦ ସ୍ୱାଇଁ, ଡିନ୍ ସ୍କୁଲ୍ ଅଫ୍ ଫିସରିଜ୍ ସିୟୁଟିଏମ୍ ମାର୍ଗଦର୍ଶୀ ଦର୍ଶନ, "ଜୀବନ ଗଠନ, ସମ୍ପ୍ରଦାୟକୁ ସଶକ୍ତ କରିବା" ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସମାଜ ବିକାଶ ପାଇଁ ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସ ଉପରେ ଆଲୋକପାତ କରିଥିଲେ। ସେହିପରି ଅନୁଷ୍ଠାନର ଛାତ୍ରାବାସ ମୁଖ୍ୟ ୱାର୍ଡେନ୍ ଜଗନ୍ନାଥ ପଣ୍ଡା ଦକ୍ଷତା ବିକାଶ ପାଠ୍ୟକ୍ରମ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ସେଞ୍ଚୁରିଆନ୍ ସାଥୀମାନେ ଉପଯୁକ୍ତ ଶିକ୍ଷାଗତ ପଥ ଏବଂ ଜୀବିକା ନିର୍ବାହ ସୁଯୋଗ ଦିଗରେ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ଯୁବପିଢ଼ିଙ୍କୁ ସକ୍ରିୟ ଭାବରେ ସମର୍ଥନ କରିଆସୁଥିବାରୁ ବିଶ୍ୱବିଦ୍ୟାଳୟ ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସେମାନଙ୍କ ନିଜ ନିଜ ଅଞ୍ଚଳ ପାଇଁ "କୌଶଳ ସାଥୀ" ଭାବରେ ସେବା କରିବାକୁ ଆମନ୍ତ୍ରଣ କରିଛି। ଏହି କାର୍ଯ୍ୟକ୍ରମ ସମୟରେ ବିଶ୍ୱବିଦ୍ୟାଳୟ ଏହାର "ସାତ ତାରକା ବୁଫେ ଅଫ୍ ସ୍କିଲ୍ସ ଆଣ୍ଡ କମ୍ପେଟେନ୍ସିସ୍" ଉପରେ ଆଲୋକପାତ କରାଯାଇଥିଲା। ଯାହା ଆଧୁନିକ ପ୍ରଯୁକ୍ତିବିଦ୍ୟା, ଉଦ୍ୟୋଗୀତା ଏବଂ ସ୍ମାର୍ଟ କୃଷି ଅଭ୍ୟାସ ସମେତ ବହୁବିଧ କ୍ଷେତ୍ରରେ ଶିଳ୍ପ-ପ୍ରାସଙ୍ଗିକ ଦକ୍ଷତା ସହିତ ଛାତ୍ରଛାତ୍ରୀମାନଙ୍କୁ ସଜ୍ଜିତ କରିବା ପାଇଁ ଏକ ସୁନ୍ଦର ମଡେଲ ବୋଲି ଉପସ୍ଥିତ ବ୍ୟକ୍ତି ମାନେ ପ୍ରକାଶ କରିଥିଲେ।

## ପଣ୍ୟ ପରିବହନରେ ପୂର୍ବତଟ ରେଳପଥ ଏକ ନମ୍ବର ରେଳ ଜୋନ୍

# ୨୮ ୬.୩ ନିୟୁତ ଟନ୍ ପଣ୍ୟ ପରିବହନ

ରାୟଗଡ଼ା,୨।୪(ସମିସ): ପୂର୍ବତଟ ରେଳପଥ ପୁଣି ଥରେ ଭାରତୀୟ ରେଳବାଇର ପ୍ରମୁଖ ପଣ୍ୟ ପରିବହନକାରୀ ଜୋନ୍ ଭାବେ ନିଜର ସ୍ଥାନକୁ ସୁଦୃଢ଼ କରିଛି। ୨୦୨୫୨୬ ଆର୍ଥିକ ବର୍ଷରେ ଏହା ୨୮୬.୩ ନିୟୁତ ଟନ୍‌ର ସର୍ବକାଳୀନ ସର୍ବାଧିକ ପଣ୍ୟ ପରିବହନ ହାସଲ କରିଛି। ପୂର୍ବବର୍ଷ ୨୦୨୪୨୫ ଆର୍ଥିକ ବର୍ଷରେ ୨୫୯.୨୫ ନିୟୁତ ଟନ୍ ପରିବହନ ସହିତ ତୁଳନା କରିଲେ, ଏହା ପ୍ରାୟ ୨୭ ନିୟୁତ ଟନ୍ ଅଧିକ ଏବଂ ପ୍ରାୟ ୧୦.୪ ପ୍ରତିଶତ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଏହି ସଫଳତା ଜୋନ୍‌ର ନିରନ୍ତର ଅଭିବୃଦ୍ଧି ଏବଂ ପରିଚାଳନାଗତ ଉତ୍କର୍ଷତାକୁ ସ୍ପଷ୍ଟ କରୁଛି ବୋଲି ୱାଲଟୀୟର ଡିଭିଜନ ତରଫରୁ କୁହାଯାଇଛି।



ପଣ୍ୟ ପରିବହନରେ ବୃଦ୍ଧି ସହିତ, ଏହି ଜୋନ୍‌ର ପଣ୍ୟ ପରିବହନ ଆୟରେ ମଧ୍ୟ ଯଥେଷ୍ଟ ବୃଦ୍ଧି ରେକର୍ଡ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବ ତଟ ରେଳପଥ ପଣ୍ୟ ପରିବହନରୁ ୨୯,୪୫୬.୬୦ କୋଟି ଆୟ କରିଥିବା ବେଳେ, ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଆୟ ୨୬,୬୯୧.୮୨ କୋଟି ଥିଲା। ଏହି ସଫଳତା ସହିତ ପୂର୍ବ ତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଭାରତୀୟ ରେଳବାଇର ସମସ୍ତ ରେଳ ଜୋନ୍‌ମାନଙ୍କ ମଧ୍ୟରେ ନିଜର ଶୀର୍ଷସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷରେ ଭାରତୀୟ ରେଳବାଇ ହାସଲ କରିଥିବା ମୋଟ ୧୬୭୯.୯ ନିୟୁତ ଟନ୍ ପଣ୍ୟ ପରିବହନରେ ପୂର୍ବ ତଟ ରେଳପଥର ଅବଦାନ ୧୭.୧ ପ୍ରତିଶତ ରହିଛି। ଲଗାତାର ସପ୍ତମ ବର୍ଷ ପାଇଁ ପୂର୍ବ ତଟ ରେଳପଥ ୨୦୦ ମିଲିୟନ ଟନ୍‌ରୁ ଅଧିକ ପଣ୍ୟ ପରିବହନ ଅତିକ୍ରମ କରିଛି। ଚଳିତ ବର୍ଷରେ ଯାତ୍ରୀ ବ୍ୟବସାୟ କ୍ଷେତ୍ରରେ ମଧ୍ୟ ଉତ୍ସାହଜନକ ଅଭିବୃଦ୍ଧି ହାସଲ କରିଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଜୋନ୍ ୯୭.୬୪ ନିୟୁତ ଯାତ୍ରୀଙ୍କୁ ପରିବହନ କରିଥିବା ବେଳେ, ଏଥିରୁ ୨,୪୯୫.୫୧ କୋଟି ଆୟ କରିଛି। ତୁଳନା।କ ଭାବେ, ୨୦୨୪୨୫ ଆର୍ଥିକ ବର୍ଷରେ ୯୩.୫୨ ନିୟୁତ ଯାତ୍ରୀଙ୍କୁ ପରିବହନ କରାଯାଇଥିଲା ଏବଂ ୨,୩୭୧.୦୯ କୋଟି ଆୟ ହୋଇଥିଲା। ମାଲ ପରିବହନ ଓ ଯାତ୍ରୀ ବ୍ୟବସାୟ ଉଭୟ କ୍ଷେତ୍ରରେ ଏହାର ନିରନ୍ତର ସଫଳ ପ୍ରଦର୍ଶନ ସହିତ, ପୂର୍ବ ତଟ ରେଳପଥ ଭାରତୀୟ ରେଳବାଇର ଅଭିବୃଦ୍ଧି ଓ କାର୍ଯ୍ୟକୁଶଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଆସୁଛି।

